## ବ୍ରାଉନ୍‌ସୁଗାର, ମଦ ଜବତ: ୩ ଗିରଫ

ପାରାଦୀପ,(ସ୍ୱ.ପ୍ର.): ବ୍ରାଉନ୍‌ସୁଗାର କାରବାର ଅଭିଯୋଗରେ ପାରାଦୀପ ଆଦର୍ଶ ଥାନା ପୋଲିସ ପୁରୁଣା ରେଲୱେ ଷ୍ଟେଶନ ପାଖରୁ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୬.୩୦ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଅଭିଯୁକ୍ତମାନେ ହେଲେ ହେଲେ ବିକ୍ରମ ନାୟକ ଓ ରବୀନ୍ଦ୍ର ନାୟକ। ଏନେଇ ମାମଲା (ନଂ. ୩୪/୨୨) ରୁଜୁ କରାଯାଇଛି। ସେହିପରି ଦେଶୀ ମଦ କାରବାର ଅଭିଯୋଗରେ ଲକ୍‌ଥାନା ପୋଲିସ ହେମନ୍ତ କୁମାର ମିଶ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ୫.୬ ଲିଟର ଦେଶୀ ମଦ ଜବତ କରାଯାଇଛି। ଏନେଇ ଥାନାରେ ମାମଲା (ନଂ. ୨୪/୨୨) ରୁଜୁ ହୋଇଛି।

## ସଂକ୍ଷେପରେ

### ଷ୍ଟୋରରୁମ୍‌ରୁ ଠିକାଶ୍ରମିକଙ୍କ ମୃତଦେହ ଜବତ

ପାରାଦୀପ,୧୧୨(ସ୍ୱ.ପ୍ର.): ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ପିପିଏଲ୍ କମ୍ପାନୀ ଷ୍ଟୋରଘରୁ ମଙ୍ଗଳବାର ଜଣେ ଠିକାଶ୍ରମିକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ଜଣକ ହେଲେ ଲକଥାନା ଅନ୍ତର୍ଗତ ବାଲିଡିଆ ଗ୍ରାମର ବିରେଜ ସ୍ୱାଇଁ। ଏନେଇ ପୋଲିସ ଅପମୃତ୍ୟୁ ମାମଲା (ନଂ.୫/୨୨) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ସେ ସୋମବାର ଠିକାସଂସ୍ଥାର ଷ୍ଟୋରରୁମରେ ଥିଲେ। ମଙ୍ଗଳବାର ସକାଳେ ଉକ୍ତ ଘର ପଙ୍ଖାରେ ତାଙ୍କୁ ଝୁଲୁଥିବା ଦେଖି ଅନ୍ୟ ଶ୍ରମିକମାନେ ପୋଲିସକୁ ଖବର ଦେଇଥିଲେ। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।

### ଭୋଟର ତାଲିକାରେ ତ୍ରୁଟି
#### ୨ ପଞ୍ଚାୟତରେ ୨୮୫ ଭୋଟରଙ୍କ ନାମ

ବିଞ୍ଝାରପୁର,୧୧୨(ଡି.ଏନ.ଏ.): ବବିଞ୍ଝାରପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଭୋଟର ତାଲିକା ତ୍ରୁଟିପୂର୍ଣ୍ଣ ଥିବା ଅଭିଯୋଗ ହୋଇଛି। ବିଶେଷକରି ବ୍ଲକର ବିଞ୍ଝାରପୁର ପଞ୍ଚାୟତର ୨୮୫ ଜଣ ଭୋଟରଙ୍କ ନାମ ସୟଦପୁର ଓ ବିଞ୍ଝାରପୁର ୨ଟି ପଞ୍ଚାୟତରେ ପୁନଃ ରହିଥିବା ସୟଦପୁର ପଞ୍ଚାୟତର ଯୁବ କର୍ମୀ ମୋଜିବୁର ରହେମାନ ବିଞ୍ଝାରପୁର ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ବିଞ୍ଝାରପୁର ପଞ୍ଚାୟତର ୨୮୫ ଜଣ ଭୋଟରଙ୍କ ନାମ ପଞ୍ଚାୟତର ୬ ଓ ୭ ନମ୍ବର ୱାର୍ଡରେ ରହିଛି। ହେଲେ ସେହି ଭୋଟରଙ୍କ ନାମ ସୟଦପୁର ପଞ୍ଚାୟତର ୧୯ ନମ୍ବର ୱାର୍ଡରେ ପୁନଃ ରହିଛି। ପଞ୍ଚାୟତ ନିର୍ବାଚନକୁ ଆଖିଆଗରେ ରଖି କେହି ରାଜନୈତିକ ବ୍ୟକ୍ତି ଚକ୍ରାନ୍ତ କରି ଏଭଳି ଜାଲିଆତି କରିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ତେଣୁ ଜିଲାପାଳ ଦୃଷ୍ଟିଦେଇ ସମସ୍ୟାର ସମାଧାନ କରିବାକୁ ସୟଦପୁର ପଞ୍ଚାୟତବାସୀ ଦାବି କରିଛନ୍ତି।

### ଯୁବ ବିଜେଡି ଉପସଭାପତି ବହିଷ୍କୃତ

ଧର୍ମଶାଳା,୧୧୨(ଡି.ଏନ.ଏ.): ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ଧର୍ମଶାଳା ବ୍ଲକ ବିଜୁ ଯୁବ ଜନତା ଦଳ ଉପସଭାପତି ଅଭୟ ସାମଲଙ୍କୁ ମଙ୍ଗଳବାର ଦଳରୁ ବହିଷ୍କାର କରାଯାଇଛି। ଏ ନେଇ ବ୍ଲକ ଯୁବ ବିଜେଡି ସଭାପତି କ୍ଷିତୀଶ ନାୟକ ସୂଚନା ଦେଇଛନ୍ତି। ଚଳିତ ପଞ୍ଚାୟତ ନିର୍ବାଚନ ପାଇଁ ପରୁଣିଆ ପଞ୍ଚାୟତରେ ଦଳ ପକ୍ଷରୁ ସମର୍ଥିତ ପ୍ରାର୍ଥୀ ଦିଆଯାଇଥିବା ବେଳେ ସାମଲ ପ୍ରାର୍ଥୀଙ୍କ ବିରୋଧରେ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଥିଲା। ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଅନୁମୋଦନକ୍ରମେ ତାଙ୍କୁ ଦଳରୁ ବହିଷ୍କୃତ କରାଯାଇଥିବା କ୍ଷିତୀଶ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

### ପିଲାଙ୍କୁ ସାକ୍ଷରତା, ସଂଖ୍ୟାଜ୍ଞାନ ଶିକ୍ଷା

ରାଜନଗର, ୧୧୨(ଡି.ଏନ.ଏ.): ରାଜନଗର ବ୍ଲକ ଅଞ୍ଚଳରେ ଦୁର୍ବଳ ଛାତ୍ରୀଛାତ୍ରଙ୍କ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ଉପରେ ଗୋଷ୍ଠୀ ଶିକ୍ଷାଦାନ କାର୍ଯ୍ୟକ୍ରମ ଜାରି ରହିଛି। ଘରକୁ ଘର ବୁଲି ଶିକ୍ଷକମାନେ ଶିକ୍ଷାଦାନ କରୁଛନ୍ତି। ଜିଲା ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ର ବାଲିଆ ପକ୍ଷରୁ ବ୍ଲକ ସଂଯୋଜିକା ଶ୍ରଦ୍ଧାଞ୍ଜଳି ମାହାନ୍ତ ରାଜନଗରରେ ପହଞ୍ଚି ଏହି କାର୍ଯ୍ୟକ୍ରମକୁ ଅନୁଧ୍ୟାନ କରିଛନ୍ତି। ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, ବିଆରସିସି ଅଜିତ କୁମାର ବାରିକ, ନୋଡାଲ ସିଆରସିସି ମଧୁସୂଦନ ସାହୁ ପ୍ରମୁଖଙ୍କ ସହ ରାଜନଗର ମହିମା ମଠରେ ଚାଲିଥିବା ଗୋଷ୍ଠୀ ଶିକ୍ଷାଦାନ କାର୍ଯ୍ୟକ୍ରମ ତଦାରଖ କରିଥିଲେ। ଏଥିସହ ବେଲପାଳ ନିମ୍ନ ମୌଳିକ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ଏହି ଶିକ୍ଷା କାର୍ଯ୍ୟକ୍ରମକୁ ବୁଲି ଦେଖିଥିଲେ।

### ଶ୍ରମିକନେତା ସମ୍ରାଟ ଗୁପ୍ତାଙ୍କ ପରଲୋକ

କାଳିଆପାଣି,୧୧୨(ଡି.ଏନ.ଏ.): ସୁକିନ୍ଦା ଖଣି ଅଞ୍ଚଳର ଶ୍ରମିକ ସଂଘ ଏସ୍‌ଆରସିକେଏମ୍‌ଏସ୍‌ର ଅନ୍ୟତମ ପ୍ରତିଷ୍ଠାତା, ବିଶିଷ୍ଟ ଶ୍ରମିକ ନେତା ତଥା ପୂର୍ବତନ ସାଧାରଣ ସମ୍ପାଦକ ସମ୍ରାଟ୍ ଗୁପ୍ତାଙ୍କ ପରଲୋକ ଘଟିଛି। ଶରୀର ଅସୁସ୍ଥ ଯୋଗୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଚାରି ଦଶନ୍ଧି ଧରି ଖଣି ଅଞ୍ଚଳରେ ଶ୍ରମିକ ସଂଘର ଦାୟିତ୍ୱ ତୁଲାଇ ଥିଲେ। ତାଙ୍କ ବିୟୋଗରେ ସୁକିନ୍ଦା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏ ନେଇ ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘର ଉପସଭାପତି ପ୍ରଭାତ ପ୍ରଧାନଙ୍କ ଅଧକ୍ଷତାରେ ମଙ୍ଗଳବାର ଶୋକସଭା ହୋଇଥିଲା। ଉପସ୍ଥିତ ଶତାଧିକ ଶ୍ରମିକ ଓ କର୍ମଚାରୀ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଏଥିରେ ନାରାୟଣ ଚନ୍ଦ୍ର ଧୀର, ସମ୍ପାଦକ ଭରତ ମହାନ୍ତ, ବିଶ୍ୱଜିତ ନାୟକ, ରବିନାରାୟଣ କର, ଅସିତ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ତାଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ, ବିଧାୟକ ପ୍ରୀତିରଞ୍ଜନ ଘଡ଼େଇ, ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

# ମହିଳାଙ୍କ ଭୋଟ ନିର୍ବାଚନ ଫଳକୁ ପ୍ରଭାବିତ କରିବ

କେନ୍ଦ୍ରାପଡ଼ା ଅଫିସ, ୧୧୨

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ-୨୨**
- ଋଣ, ଅନୁଦାନ ବନାମ ସ୍ଥାନୀୟ ସମସ୍ୟା ଓ ନିର୍ଯାତନା

ମହିଳାଙ୍କୁ ରାଜନୀତିରେ ସଶକ୍ତୀକରଣ କରିବାକୁ ଚଳିତବର୍ଷ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ୫୦ ପ୍ରତିଶତ ଆସନ ସଂରକ୍ଷିତ ରହିଛି। ଏହାବ୍ୟତୀତ ଅସଂରକ୍ଷିତ ଆସନରୁ ମଧ୍ୟ କେତେକ ସ୍ଥାନରେ ମହିଳା ପ୍ରାର୍ଥୀ ହୋଇଛନ୍ତି। ଏଥିସହ କେନ୍ଦ୍ରାପଡ଼ା ଜିଲାରେ ଭୋଟର ସଂଖ୍ୟା ୧୧,୪୭,୯୮୧ ମଧ୍ୟରୁ ପୁରୁଷଙ୍କ ସଂଖ୍ୟା ୬୦୦୪୫୮ ହୋଇଥିବା ବେଳେ ମହିଳାଙ୍କ ସଂଖ୍ୟା ୫୪୭୪୮୩। ୨୦୧୭ ପଞ୍ଚାୟତ ନିର୍ବାଚନରେ ୭୫.୯୭ପ୍ରତିଶତ ପୁରୁଷ ଭୋଟର ମତଦାନ କରିଥିବା ବେଳେ ୬୭.୭୩ ପ୍ରତିଶତ ମହିଳା ଭୋଟର ଭାଗ ନେଇଥିଲେ; ଯାହା ରାଜ୍ୟର ଅନ୍ୟ ଜିଲା ତୁଳନାରେ ଅଧିକ। ଏହାକୁ ଦୃଷ୍ଟିରେ ରଖିଲେ ଚଳିତ ନିର୍ବାଚନର ଫଳାଫଳ ମହିଳା ଭୋଟରଙ୍କ ହାତରେ ଅଛି। ଏସ୍‌ଏସ୍‌ଜି ମାଧ୍ୟମରେ ଋଣ, ଅନୁଦାନ ବନାମ ସ୍ଥାନୀୟ ସମସ୍ୟା ଓ ମହିଳା ନିର୍ଯାତନା ପ୍ରସଙ୍ଗ ହୋଇଥିବା ରାଜନୈତିକ ବିଶ୍ଳେଷକ ମତ ଦେଇଛନ୍ତି।

ମହିଳାଙ୍କ ଭୋଟ ସମ୍ପର୍କରେ ରାଜନଗର ବ୍ଲକ ଈଶ୍ୱରପୁର ଗ୍ରାମର ଏସ୍‌ଏସ୍‌ଜି ସମ୍ପାଦିକା ସୁଚିତ୍ରା ଜେନା କୁହନ୍ତି, ମହିଳା ସଶକ୍ତୀକରଣରେ ଏସ୍‌ଏସ୍‌ଜିର ବଡ ଭୂମିକା ଅଛି। ଏଥିପାଇଁ ବିଭିନ୍ନ ପ୍ରାର୍ଥୀ ଏସ୍‌ଏସ୍‌ଜି ସଦସ୍ୟାଙ୍କ ସହାୟତା ଲୋଡୁଛନ୍ତି। ଜିଲାରେ ଏବେ ୨୫ ହଜାରରୁ ଅଧିକ ଗୋଷ୍ଠୀ ଅଛି। ପ୍ରତ୍ୟେକ ଗୋଷ୍ଠୀରେ ୨୦ରୁ ଅଧିକ ସଦସ୍ୟା ଥିବା ବେଳେ ପରିବାରରେ ଅନ୍ୟୂନ ୩ଟି ଭୋଟ ଅଛି। ରାଜନୈତିକ ଦଳଗୁଡିକ ଏହାର କର୍ମକର୍ତ୍ତାଙ୍କୁ ପ୍ରଭାବିତ କରି ଭୋଟ ବୃଦ୍ଧିର ଯୋଜନା ରଖିଛନ୍ତି। ରାଜନୈତିକ ବିଶ୍ଳେଷକ ରାଧାକାନ୍ତ ମହାନ୍ତି ଓ ପ୍ରତାପ କୁମାର ପାଢ଼ୀ କୁହନ୍ତି, ରାଜ୍ୟର ଅନ୍ୟ ଜିଲା ତୁଳନାରେ କେନ୍ଦ୍ରାପଡ଼ା ଜିଲାରେ ବିଗତ ନିର୍ବାଚନରେ ମହିଳାଙ୍କ ଭୋଟ ହାର



ଅଧିକ ଥିଲା। ଏଥିସହ ଚଳିତ ନିର୍ବାଚନରେ ମହିଳାଙ୍କୁ ୫୦ ପ୍ରତିଶତ ଆସନ ସଂରକ୍ଷିତ କରାଯିବା ଦ୍ୱାରା ଅଧିକ କ୍ରିୟାଶୀଳ ହୋଇଛନ୍ତି। ୩୦ ପ୍ରତିଶତରୁ ଅଧିକ ପ୍ରାର୍ଥୀ ଏସ୍‌ଏସ୍‌ଜି କର୍ମକର୍ତ୍ତା ଅଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ପ୍ରମୁଖ ୩ ରାଜନୈତିକ ଦଳ ନିଜର ରଣନୀତି ପ୍ରସ୍ତୁତ କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ମହିଳା ସଶକ୍ତୀକରଣ ଯୋଜନାରେ ବିଭିନ୍ନ କ୍ଷେତ୍ର ପାଇଁ ଅନୁଦାନ ଯୋଗାଇଛନ୍ତି। ଏହାକୁ ମାଧ୍ୟମ କରି ମହିଳା ଭୋଟରଙ୍କୁ ଆକୃଷ୍ଟ କରୁଛନ୍ତି। ଅପରପକ୍ଷରେ ପ୍ରାର୍ଥୀ ରାଶନ କାର୍ଡ, ଭତ୍ତା, ଆବାସ ଯୋଜନା, ଗମନାଗମନ, ପାନୀୟ ଜଳ ପ୍ରକଳ୍ପ ପରି ତୃଣମୂଳସ୍ତରର ସମସ୍ୟାକୁ ଆଗକୁ ଆଣୁଥିବା ବେଳେ କଂଗ୍ରେସ ମହିଳା ନିର୍ଯାତନାକୁ ଯୋଡିଛି। ପଞ୍ଚାୟତସ୍ତରର ନିର୍ବାଚନରେ ମହିଳାଙ୍କ ଭୋଟ ଫଳାଫଳକୁ ପ୍ରଭାବିତ କରିବ ବୋଲି ସେ ପ୍ରକାଶ କରିଛନ୍ତି। ବିଜେଡିର ଯୁବନେତା ରଞ୍ଜିତ କୁମାର ସାହୁ କହିଛନ୍ତି, ରାଜ୍ୟ ସରକାର ମହିଳା ସଶକ୍ତୀକରଣକୁ ଗୁରୁତ୍ୱ ଦେଇ ଆସିଛନ୍ତି। ମହିଳା ଗୋଷ୍ଠୀ ଗଠନ କରି ଆତ୍ମ ନିର୍ଭର ପାଇଁ ଋଣ ଓ ଅନୁଦାନ ଯୋଗାଇଛନ୍ତି। ଏଥିସହ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ତାଲିମ ବ୍ୟବସ୍ଥା ହୋଇଛି। କଂଗ୍ରେସର ଯୁବନେତା ସତ୍ୟପ୍ରିୟ ସାମଲ କହିଛନ୍ତି, ରାଜ୍ୟରେ ମହିଳା ସଶକ୍ତୀକରଣ ନାମକୁମାତ୍ର ହୋଇଛି। ଅନୁଦାନ ଓ ଯୋଜନାକୁ ଶାସକ ଦଳର କର୍ମୀ ଓ ନେତା ହଡପ କରିଛନ୍ତି। ଏହାବ୍ୟତୀତ ମହିଳା ନିର୍ଯାତନା କ୍ଷେତ୍ରରେ ବହୁ ଦୃଷ୍ଟାନ୍ତ ଶାସକ ଦଳର ପ୍ରାର୍ଥୀଙ୍କୁ ପରାଜିତ କରିବାକୁ ଯଥେଷ୍ଟ ବୋଲି ସେ ପ୍ରକାଶ କରିଛନ୍ତି। ଭାଜପାର ଯୁବନେତା ଅଭିମନ୍ୟୁ ଗୋଚ୍ଛାୟତ କହିଛନ୍ତି, ଗ୍ରାମାଞ୍ଚଳର ମହିଳାଙ୍କୁ ସଶକ୍ତୀକରଣ ପାଇଁ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ଉଜ୍ୱଳା ଗ୍ୟାସଠାରୁ ଆରମ୍ଭ କରି ଦକ୍ଷତା ତାଲିମ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ଏହାବ୍ୟତୀତ ତୃଣମୂଳ ସମସ୍ୟାର ସମାଧାନ ପାଇଁ ଭାଜପା ପ୍ରତିଶ୍ରୁତିବଦ୍ଧ ଥିବାରୁ ମହିଳାଙ୍କ ଭୋଟ ଭାଜପାକୁ ଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ଟ୍ରଲରରୁ କଇଁଛ ଜବତ, ୬ ମତ୍ସ୍ୟଜୀବୀ ଗିରଫ

ରାଜନଗର, ୧୧୨(ଡି.ଏନ.ଏ.)

ବିରଳ ଅଲିଭରିଡଲେ କଇଁଛଙ୍କ ସୁରକ୍ଷା ପାଇଁ ବାରମ୍ବାର ସଚେତନତା ପରେ ମଧ୍ୟ ଟ୍ରଲର ଗୁଡିକ ନିଷିଦ୍ଧାଞ୍ଚଳରେ ପଶି ବେଆଇନ ଭାବେ ମାଛ ମାରୁଛନ୍ତି। କେତେଗୋଟି ଟ୍ରଲର ମାଛ ସହ ମା'କଇଁଛ ଧରୁଥିବା ଅଭିଯୋଗ ହୋଇ ଆସୁଥିଲା। ମଙ୍ଗଳବାର ଏକ ଟ୍ରଲର ଜବତ ବେଳେ ଟ୍ରଲରରୁ ଜୀବନ୍ତ କଇଁଛ ଜବତ ହେବା ଘଟଣା ଅଭିଯୋଗକୁ ପ୍ରମାଣିତ କରିଛି। ଟ୍ରଲର ଜବତ କରାଯିବା ସହ ଟ୍ରଲରରେ ଥିବା ୬ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ କଇଁଛକୁ ସମୁଦ୍ରରେ ଛାଡି ଦିଆଯାଇଛି। ସୂଚନା ମୁତାବକ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ୪ କିମି ସମୁଦ୍ର ମଧ୍ୟରେ ମାରୁତୀ ନନ୍ଦନ-୧ ନାମକ ଟ୍ରଲର ବେଆଇନ ଭାବେ ମାଛ ମାରୁଥିଲା। ବନ ବିଭାଗ ପାଟ୍ରୋଲିଂ ଟିମ ଟ୍ରଲରଟିକୁ ଧରିବା ପରେ ଟ୍ରଲର ମଧ୍ୟରୁ ଏକ ମାଆ କଇଁଛ ଜବତ କରାଯାଇଥିଲା। ଜବତ ଟ୍ରଲରରେ ଥିବା ଗଦାଧର ମଲିକ, ବିଜୟ ମଲିକ, ସୁବାସ ମଲିକ, ରମାକାନ୍ତ ମଲିକ, ବଳରାମ ମଲିକ, ସୁଦାମ ମଲିକଙ୍କୁ ଗିରଫ କରାଯାଇଛି।

# ସମିତିରେ ତାଲା ପକାଇ ଚାଷୀଙ୍କ ଧାରଣା

ନାଉଗାଁ,୧୧୨(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଅନ୍ତର୍ଗତ ଅଲଣା ସେବା ସମବାୟ ସମିତିରେ ଧାନମଣ୍ଡି ଖୋଲିବାରେ ବିଳମ୍ବକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରତିବାଦରେ ମଙ୍ଗଳବାର ଚାଷୀ ଓ ନବନିର୍ମାଣ କୃଷକ ସଙ୍ଗଠନର ସଦସ୍ୟମାନେ ସମିତି ସମ୍ମୁଖରେ ତାଲା ପକାଇ ଧାରଣା ଦେଇଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଚଳିତ ବର୍ଷ ତୁହାକୁ ତୁହା ବର୍ଷା ଯୋଗୁ ଧାନ ଫସଲ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଅଳ୍ପ କିଛି ସଂଗ୍ରହ କରାଯାଇଥିବା ଧାନ ବିକ୍ରି ପାଇଁ ରଖାଯାଇଥିବାବେଳେ ଏପର୍ଯ୍ୟନ୍ତ ମଣ୍ଡି ଖୋଲୁନାହିଁ। ଫଳରେ ଚାଷୀ ଧାନ ବିକ୍ରି କରି ନପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଯଥାଶୀଘ୍ର ମଣ୍ଡି ଖୋଲିବାକୁ ସେମାନେ ଦାବି କରିଥିଲେ। ଖବରପାଇ ବ୍ଲକ ଯୋଗାଣ ନିରୀକ୍ଷକ ଅମିୟରଞ୍ଜନ ପ୍ରଧାନ ଓ ନାଉଗାଁ ଥାନାଧିକାରୀ



ଅଲଣା ସମବାୟ ସମିତି ଆଗରେ ଚାଷୀମାନେ ଧାରଣା ଦେଇଛନ୍ତି।

ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଫୋନ ମାଧ୍ୟମରେ ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ଶରତ ଚନ୍ଦ୍ର ଦାସ ୪ ଫେବୃୟାରୀ ମଧ୍ୟରେ ମଣ୍ଡି ଖୋଲିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଧାରଣାରୁ ଓହରିଥିଲେ। ଧାରଣାରେ ନବନିର୍ମାଣ କୃଷକ ସଙ୍ଗଠନର ସହ ସଂଯୋଜକ ଅଶୋକ ସ୍ୱାଇଁ, ଜଟାଧାରୀ ନାୟକ, ସୁକାନ୍ତ ଲେଙ୍କା, ସୁଧୀର ପରିଡା, ବିଜୟ କୁମାର ପରିଡା, ଗୌରାଙ୍ଗ ପରିଡା ଓ ଭାଗୀରଥି ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ଜିଲାରେ ୯୮୬ ସମ୍ବେଦନଶୀଳ ବୁଥ୍

ଜଗତ୍‌ସିଂହପୁର ଅଫିସ, ୧୧୨

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ**
- ରଘୁନାଥପୁର ବ୍ଲକ ସର୍ବାଧିକ

ଜଗତ୍‌ସିଂହପୁର ଜିଲାରେ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ କାଁ ଭାଁ କେତୋଟିକୁ ଛାଡିଦେଲେ ଏ ପର୍ଯ୍ୟନ୍ତ କୌଣସି ସ୍ଥାନରେ ସେଭଳି ହିଂସା ଦେଖିବାକୁ ମିଳିନାହିଁ। କିନ୍ତୁ ଜିଲାର ସମୁଦାୟ ୩୩୬୪ ବୁଥ ମଧ୍ୟରୁ ୯୮୬ଟିରେ ହିଂସାର ଆଶଙ୍କା କରାଯାଇ ସମ୍ବେଦନଶୀଳ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ରଘୁନାଥପୁର ବ୍ଲକ ଅଞ୍ଚଳର ୩୧୩ ବୁଥ ମଧ୍ୟରୁ ସର୍ବାଧିକ ୨୫୨ ସମ୍ବେଦନଶୀଳ ଓ ଅତିସମ୍ବେଦନଶୀଳ ରହିଛି। ଏରସମା ବ୍ଲକର ୪୬୧ ବୁଥ ମଧ୍ୟରୁ ୯୫ଟି ଅତି ସମ୍ବେଦନଶୀଳ ଥିବାବେଳେ ୫୫ଟି ସମ୍ବେଦନଶୀଳ ଚିହ୍ନଟ କରାଯାଇଛି। ବାଲିକୁଦା ବ୍ଲକର ୫୫୭ ବୁଥ୍ ମଧ୍ୟରୁ ୮୬ଟି ସମ୍ବେଦନଶୀଳ ଓ ୫ଟି ଅତି ସମ୍ବେଦନଶୀଳ ରହିଛି। ଜଗତ୍‌ସିଂହପୁର ବ୍ଲକ ଅଞ୍ଚଳର ୪୮୭ ବୁଥ ମଧ୍ୟରୁ ୭୦ଟି, ତିର୍ତ୍ତୋଲର ୪୭୯ ବୁଥରୁ ୧୯୯, ବିରିଡ଼ିର ୩୩୯ ବୁଥରୁ ୫୧, ନାଉଗାଁର ୨୭୩ ବୁଥରୁ ୮୭, କୁଜଙ୍ଗର ୪୬୫ ବୁଥରୁ ୮୬, ଏରସମାର ୪୬୧ ବୁଥରୁ ୧୫୦ଟି ସମ୍ବେଦନଶୀଳ ଓ ଅତିସମ୍ବେଦନଶୀଳ ଚିହ୍ନଟ କରାଯାଇଛି। ବିଡିଓମାନଙ୍କ ସୂଚନା ଆଧାରରେ ଏହି ତାଲିକା ପ୍ରସ୍ତୁତ କରାଯିବାସହ ଏସ୍‌ପିଙ୍କୁ ଚିଠି କରାଯାଇଛି। ଏସ୍‌ପି ଅଖିଳେଶ୍ୱର ସିଂହ ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ବୁଥ ଅଞ୍ଚଳରୁ ଥାନାଗୁଡିକ ସହାୟତାରେ ଗୋଇନ୍ଦା ତଥ୍ୟ ସଂଗ୍ରହ କରୁଛନ୍ତି। ତଥ୍ୟ ମିଳିଲା ପରେ ଏସ୍‌ପି ଜିଲା ନିର୍ବାଚନ ଅଧିକାରୀଙ୍କୁ କେଉଁ ବୁଥଗୁଡିକ ବାସ୍ତବରେ ସମ୍ବେଦନଶୀଳ ଓ ଅତିସମ୍ବେଦନଶୀଳ ସେ ସମ୍ପର୍କରେ ଅବଗତ କରି ପରବର୍ତ୍ତୀ ପଦକ୍ଷେପ ନେବେ।

## ଦୋକାନ ଜଳିଗଲା

ପାଣିକୋଇଲି,୧୧୨(ଡି.ଏନ୍.ଏ.)

ପାଣିକୋଇଲି ଥାନା ଅନ୍ତର୍ଗତ ଷଠିପୁର ବଜାରରେ ଥିବା ଅନନ୍ତ ସାହୁଙ୍କ ଗଣେଶ ମିଷ୍ଟାନ୍ନ ଭଣ୍ଡାରରେ ସୋମବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଫଳରେ ଦୋକାନ ଜଳିଯାଇଛି। ନିଆଁ ଲାଗିବା ଜାଣି ଦୋକାନରେ ଶୋଇଥିବା ଅନନ୍ତଙ୍କ କର୍ମଚାରୀ ଓ ସାନପୁଅ ବାହାରି ଆସି ପାଟି କରିଥିଲେ। ସେମାନଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ଆସି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଖବର ପାଇ ବୈତରଣୀରୋଡ ଦମକଳ ବାହିନୀ କର୍ମଚାରୀ ପହଞ୍ଚିଥିଲେ। ମାତ୍ର ସେତେବେଳକୁ ସବୁକିଛି ଜଳି ପାଉଁଶ ହୋଇ ଯାଇଥିଲା। ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ। ତେବେ ବିଦ୍ୟୁତ୍ ଶର୍ଟ ସର୍କିଟ ଅବା ଆଞ୍ଚରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି।

## ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ

ପାଣିକୋଇଲି,୧୧୨(ଡି.ଏନ୍.ଏ.)

ପାଣିକୋଇଲି ଥାନା ଅଧୀନ ଶଙ୍ଖଚିଲା ଫାଣ୍ଡି ଅଞ୍ଚଳରେ ବ୍ୟାପକ ଚୋରା ମାଙ୍କଡ଼ା ପଥର ବେପାର ଚାଲିଛି। ଏନେଇ ଅଭିଯୋଗ ହେବା ପରେ ଫାଣ୍ଡି ଅଧିକାରୀ ଅମିୟ କୁମାର ବେହେରା ମଙ୍ଗଳବାର ଯାଞ୍ଚ କରି ଏକ ବେଆଇନ ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ କରିଛନ୍ତି। ଏଥିସହିତ ଟ୍ରକ୍ ଚାଳକଙ୍କୁ ଅଟକ ରଖିଛନ୍ତି। ଯାଞ୍ଚ ସମୟରେ ଗାଡ଼ିର ଚାଳକ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ଜବତ ଟ୍ରକ୍‌କୁ ପାଣିକୋଇଲି ଥାନା ଜିମା ଦିଆଯାଇଛି।

# ନିର୍ବାଚନ କାର୍ଯ୍ୟରେ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ

ଯାଜପୁର ଅଫିସ,୧୧୨

ଯାଜପୁର ଜିଲାରେ ପଞ୍ଚାୟତ ନିର୍ବାଚନ ପାଇଁ ଚଳିତ ମାସ ୩ ଓ ୪ ତାରିଖରେ ପ୍ରିଜାଇଡିଂ ଓ ଫାଷ୍ଟ ପୁଲିଂ ଅଫିସରମାନଙ୍କୁ ତାଲିମ ପ୍ରଦାନ କରାଯିବ। ଏହି ତାଲିମ ପ୍ରତି ବ୍ଲକ୍‌ରେ ଅନୁଷ୍ଠିତ ହେବ। ଦାୟିତ୍ୱ ଥିବା ପୁଲିଂ ଅଫିସମାନେ ନିଶ୍ଚିତ ଯୋଗଦାନ କରି ତାଲିମ ନେବାକୁ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ପରାମର୍ଶ ଦେଇଛନ୍ତି। ଏଥିସହ ତାଲିମରେ ଅନୁପସ୍ଥିତ ରହୁଥିବା କର୍ମଚାରୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସତର୍କ କରାଇ ଦେଇଛନ୍ତି। ଯାଜପୁର ବ୍ଲକ୍ ପାଇଁ ଏନ୍‌ସି କଲେଜ, ଧର୍ମଶାଳା ବ୍ଲକ୍ ପାଇଁ ଧର୍ମଶାଳା ମହାବିଦ୍ୟାଳୟ, ଜାରକା, ବଡ଼ଚଣା ବ୍ଲକ୍ ପାଇଁ ବି.ବି. ମହାବିଦ୍ୟାଳୟ, ଚଣ୍ଡିଖୋଲ, ଦଶରଥପୁର ପାଇଁ ଏସ୍.ଜି. କଲେଜ, କୋରାଇ ପାଇଁ କାହ୍ନୁଚରଣ ଡିଗ୍ରୀ କଲେଜ, ବିଂଝାରପୁର ପାଇଁ ବରୁଣେଶ୍ୱର ମହାବିଦ୍ୟାଳୟ, ସୁକିନ୍ଦା ପାଇଁ ସୁକିନ୍ଦା କଲେଜ, ଦାନଗଦି ପାଇଁ ବୁଦ୍ଧରାଜ ବିଦ୍ୟାପୀଠ, ଦାନଗଦି, ରସୁଲପୁର ପାଇଁ ୟୁ.ଏନ୍. ମହାବିଦ୍ୟାଳୟ, ମୁଗୁପାଳ ଓ ବରୀ ବ୍ଲକ୍ ପାଇଁ ଜି.ସି. କଲେଜ, ରାମଚନ୍ଦ୍ରପୁର, ବରୀରେ ପ୍ରଶିକ୍ଷଣ ପ୍ରଦାନ ପାଇଁ ବ୍ୟବସ୍ଥା ହୋଇଛି। ଅନୁପସ୍ଥିତ ପ୍ରିଜାଇଡିଂ ଓ ପୁଲିଂ ଅଫିସରମାନଙ୍କ ତାଲିକା ଜିଲା କାର୍ଯ୍ୟାଳୟକୁ କାର୍ଯ୍ୟାନୁଷ୍ଠାନ ଲାଗି ପ୍ରେରଣ କରିବାକୁ ବିଡ଼ିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ବିନା ଭକ୍ତରେ ମା' ବିରଜାଙ୍କ ଜନ୍ମୋତ୍ସବ ପାଳିତ

ଯାଜପୁର ଟାଉନ,୧୧୨(ଡି.ଏନ୍.ଏ.)

ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ଜନ୍ମୋତ୍ସବ ଚଳିତବର୍ଷ ବିନା ଶ୍ରଦ୍ଧାଳୁରେ ପାଳନ କରାଯାଇଛି। ପରମ୍ପରା ଅନୁଯାୟୀ, ସମସ୍ତ କାର୍ଯ୍ୟ ସ୍ଥିର କରାଯାଇଥିବା ବେଳେ କୋଭିଡ୍ କଟକଣା ଯୋଗୁ ସାଧାରଣ ଭକ୍ତ ମା'ଙ୍କୁ ଦର୍ଶନ କରିବାରୁ ବଞ୍ଚିତ ହୋଇଛନ୍ତି। ମଙ୍ଗଳବାର ଭୋର୍ ୪ଟା ୩୦ରେ ପ୍ରଥମେ ନିତ୍ୟ ସ୍ନାନ ଓ ବେଶ କାର୍ଯ୍ୟ କରାଯାଇଥିଲା। ୭ ଘଟିକା ସମୟରେ ମା'ଙ୍କୁ ସ୍ୱନକ୍ଷତ୍ର ବିହିତ ମହାସ୍ନାନ କରାଯାଇଥିଲା। ପରେ ଚନ୍ଦନ ବେଶ, ସାବିତ୍ରୀ ବେଶ ଓ ଅଳଙ୍କାର ବେଶ କରାଯାଇ ପୂଜାବିଧି ଆରମ୍ଭ କରାଯାଇଥିଲା। ପରେ ଷୋଡ଼ଶୋପଚାର



ପୂଜାବିଧି ଆରମ୍ଭ କରାଯାଇ ସ୍ୱତନ୍ତ୍ର ନୀତି ଲାଗି କରାଯିବା ସହ ଯଜ୍ଞକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଯଜ୍ଞ ପରେ ପୂର୍ଣ୍ଣାହୁତି, ଆଳତି ଓ ଘଟ ବିସର୍ଜନ କରାଯାଇଥିଲା। ମନ୍ଦିରକୁ ସୁସଜ୍ଜିତ ଫୁଲ ଓ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା।

## ଭଗବତୀ ଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ ପାଳିତ

ଧର୍ମଶାଳା,୧୧୨(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଅଧୀନ ଜାରକାସ୍ଥିତ ଗୋକର୍ଣ୍ଣିକା କାର୍ଯ୍ୟାଳୟରେ ମଙ୍ଗଳବାର ସମାଜ ସଂସ୍କାରକ, ବିପ୍ଳବୀ ଲେଖକ ଭଗବତୀ ଚରଣ ପାଣିଗ୍ରାହୀଙ୍କ ୧୧୪ତମ ଜୟନ୍ତୀ ଉତ୍ସବ ସଭାପତି ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରଫେସର ବିଜୟ କୁମାର ଶତପଥୀ ଯୋଗଦେଇ ସ୍ୱର୍ଗତ ପାଣିଗ୍ରାହୀ ପ୍ରଗତିଶୀଳ ସାହିତ୍ୟ ରଚନା କରିବା ସହ ଆଧୁନିକ ନାମକ ଏକ ସାହିତ୍ୟ ପତ୍ରିକା ପ୍ରକାଶ କରିଥିଲେ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ମହେଶ୍ୱର ପାଢ଼ୀ, ସ୍ତମ୍ଭକାର ଡ. ରୁଦ୍ରନାରାୟଣ ପୃଷ୍ଟି, ଧର୍ମଶାଳା ମହିଳା ଡିଗ୍ରୀ କଲେଜ ଅଧକ୍ଷା ଡ. ଇନ୍ଦୁପ୍ରଭା ସାମଲ ଯୋଗଦେଇ ଭଗବତୀଙ୍କ ଗଳ୍ପ 'ଶିକାର' ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସ୍ତମ୍ଭକାର ଡ. ପୁରୁଷୋତ୍ତମ ବିଶ୍ୱାଳ, ଖବରଦାତା ବଟକୃଷ୍ଣ ପରିଡ଼ା, ଗୁଲାମ ଗସ, ଉପସଭାପତି ମିନତି ସାହୁ, ମାଧୁରୀ ଶତପଥୀ, ସଂସ୍କୃତ କଲେଜ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପାତ୍ର, ଅଧ୍ୟାପକ ବିଜୟ ନାୟକ, ଡ. ଚିତ୍ତରଞ୍ଜନ ମହାନ୍ତି ଓ ପଣ୍ଡିତ ବ୍ରଜ କିଶୋର ଦାସ ଯୋଗ ଦେଇଥିଲେ। ଏହି ଅବସରରେ ଗୋକର୍ଣ୍ଣିକା ସହ ସମ୍ପାଦକ ଡ. ତୁହିନାଂଶୁ ରଥଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ସମ୍ପାଦକ ହୃଷୀକେଶ ସାମଲ ବିବରଣୀ ପାଠ କରିଥିଲେ। ସହ ସମ୍ପାଦକ ଦେବବ୍ରତ ରାଉତ ଧନ୍ୟବାଦ ଦେଇଥିଲେ।

# ରାସ୍ତାପାର୍ଶ୍ୱରେ ବେଆଇନ ପାର୍କିଂ ଚିନ୍ତା

ଯାଜପୁର ଅଫିସ,୧୧୨

**କଳିଙ୍ଗନଗର ଶିଳ୍ପାଞ୍ଚଳ**
- ସୁପ୍ରିମକୋର୍ଟ କମିଟି ନିର୍ଦ୍ଦେଶ ଧୂଆଁବାଣ
- ବଢୁଛି ଦୁର୍ଘଟଣା, ଜୀବନହାନି

ସୁପ୍ରିମକୋର୍ଟ ସଡ଼କ ସୁରକ୍ଷା କମିଟି ନିର୍ଦ୍ଦେଶରେ ରାଜ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ହ୍ରାସ କରିବାକୁ ପରିବହନ ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି। ମଙ୍ଗଳବାରଠାରୁ ଏଥିପାଇଁ କଡାକଡି ଚେକିଂ କରିବାକୁ ପରିବହନ ସଚିବ ବିଷ୍ଣୁପଦ ସେଠୀ ରାଜ୍ୟର ସମସ୍ତ ଜିଲାପାଳ, ଏସ୍‌ପି, ଭୁବନେଶ୍ୱର ଓ କଟକ ଡେପୁଟି କମିଶନର ପୋଲିସ, ଆଞ୍ଚଳିକ ପରିବହନ ଅଧିକାରୀ ପ୍ରମୁଖଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। କିନ୍ତୁ ଦୁର୍ଘଟଣା ବହୁଳ ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଏହି ନିର୍ଦ୍ଦେଶ ଧୂଆଁବାଣ ସଦୃଶ୍ୟ ହୋଇଛି। ଯାଜପୁର ରୋଡ଼ଠାରୁ ଡୁବୁରୀ ପର୍ଯ୍ୟନ୍ତ ରାସ୍ତାର ଟୋଲ୍‌ଗେଟ୍ ଓ ନୀଳାଚଳ ଇସ୍ପାତ୍ କାରଖାନା ମୁଖ୍ୟ ଗେଟ୍‌ଠାରୁ କମନ କରିଡର ଛକ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଶତାଧିକ ଟ୍ରକ ବେଆଇନ ଭାବେ ପାର୍କିଂ କରୁଛନ୍ତି। ଏଥିପାଇଁ ରାସ୍ତା ସଙ୍କୁଚିତ ହୋଇ ଗମନାଗମନରେ ବାଧା ସୃଷ୍ଟି ହେଉଛି। ଏହି ରାସ୍ତା ଦେଇ ଡୁବୁରୀ, କାଳିଆପାଣି, ସୁକିନ୍ଦା, ଭୁବନ, କପିଳାସ, କାମାକ୍ଷାନଗର, ଅନୁଗୋଳ ଆଦି ସ୍ଥାନକୁ ଯିବାଆସିବା କରୁଥିବା ଯାତ୍ରୀଙ୍କ ଜୀବନ ବିପଦରେ ପଡ଼ିଛି। ବିଭିନ୍ନ ସମୟରେ ଏଥିପାଇଁ ଛୋଟବଡ଼ ଦୁର୍ଘଟଣା ଘଟି




କଳିଙ୍ଗନଗର ଶିଳ୍ପାଞ୍ଚଳ ରାସ୍ତାପାର୍ଶ୍ୱରେ ଟ୍ରକ୍ ଓ ହାଇୱା ରଖାଯାଇଛି।

ଅକାରଣରେ ଧନଜୀବନ ହାନୀ ଘଟୁଥିବା ନଜିର ରହିଛି। ତେବେ ବିଡମ୍ବନା, ଏହି ରାସ୍ତା ଦେଇ ପରିବହନ ବିଭାଗ, ଜିଲା ପ୍ରଶାସନ ଓ ପୋଲିସ ଅଧିକାରୀମାନେ ଯିବା ଆସିବା କରୁଥିଲେ ହେଁ ଏହି ବେଆଇନ କାର୍ଯ୍ୟ ପ୍ରତି କେବଳ ଆଖି ବୁଜି ନାହାନ୍ତି ବରଂ ସହଯୋଗ କରୁଥିବା ଅଭିଯୋଗ ହୋଇଛି।

ଓଡ଼ିଶା ଦୁର୍ଘଟଣାରେ ୧୨ ନମ୍ବର ସ୍ଥାନରେ ରହିଛି। ତେଣୁ ସୁପ୍ରିମକୋର୍ଟ କମିଟି ଓଡ଼ିଶାରେ ୨୦୨୦ ସୁଦ୍ଧା ସଡ଼କ ଦୁର୍ଘଟଣାର ମୃତ୍ୟୁହାରକୁ ୫୦ପ୍ରତିଶତ ହ୍ରାସ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଦୁର୍ଭାଗ୍ୟବଶତଃ ଓଡ଼ିଶାରେ ୨୦୧୪ରେ ୩୯୩୧ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୧୯ରେ ମୃତ୍ୟୁ ସଂଖ୍ୟା ୪୭୩୮ରେ ପହଞ୍ଚିଥିଲା। ଯାହାକି ମୃତ୍ୟୁ ସଂଖ୍ୟା ୨୧ ପ୍ରତିଶତ ବୃଦ୍ଧି ପାଇଥିଲା। ଏହାବାଦ୍ ୨୦୨୦ ଜାନୁୟାରୀରୁ ଅକ୍ଟୋବର ପର୍ଯ୍ୟନ୍ତ ୭୬୧୯ ଦୁର୍ଘଟଣାରେ ୩୬୩୭ ଲୋକଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ୨୦୨୧ ଜାନୁୟାରୀଠାରୁ ଅକ୍ଟୋବର ପର୍ଯ୍ୟନ୍ତ ୮୯୨୨ ଦୁର୍ଘଟଣାରେ ୪୦୭୪ ଜଣଙ୍କ ମୃତ୍ୟୁ ହୋଇଥିଲା। ଯାହାକି ୧ ବର୍ଷରେ ମୃତ୍ୟୁହାର ୧୨.୦୨% ବୃଦ୍ଧି। ଏଥିରେ ଯାଜପୁର ଜିଲାରେ ୨୦୨୦ ଜାନୁୟାରୀଠାରୁ ଅକ୍ଟୋବର ପର୍ଯ୍ୟନ୍ତ ୩୩୯ ଦୁର୍ଘଟଣାରେ ୧୫୬ ଜଣଙ୍କ ମୃତ୍ୟୁ ହୋଇଥିଲାବେଳେ ୨୮୬ ଜଣ ଆହତ ହୋଇଥିଲେ। ସେହିପରି ୨୦୨୧ ଜାନୁୟାରୀରୁ ଅକ୍ଟୋବର ପର୍ଯ୍ୟନ୍ତ ଏହି ଜିଲାରେ ୪୧୪ ଦୁର୍ଘଟଣାରେ ୧୯୬ ଜଣଙ୍କ ମୃତ୍ୟୁ ହୋଇଥିଲାବେଳେ ୨୮୩ ଜଣ ଆହତ ହୋଇଥିଲେ। ଯାଜପୁର ଜିଲାରେ ଏହି ୧ ବର୍ଷରେ ୨୫.୬୪% ଦୁର୍ଘଟଣାଜନିତ ମୃତ୍ୟୁ ବୃଦ୍ଧି ପାଇଛି। ଗତ ଜୁଲାଇ ମାସର ରିପୋର୍ଟ ଅନୁଯାୟୀ ଦୁର୍ଘଟଣା ମୃତ୍ୟୁରେ ମାଲକାନଗିରି ଓ ଜଗତସିଂହପୁର ଜିଲା ପରେ ଯାଜପୁର ଜିଲା ତୃତୀୟ ସ୍ଥାନରେ ରହିଥିଲା। ଏଥର ସିଆଇଡି ଓ କ୍ରାଇମବ୍ରାଞ୍ଚ ରିପୋର୍ଟରେ ଯାଜପୁର ଜିଲା ଦୁର୍ଘଟଣାଜନିତ ମୃତ୍ୟୁରେ ୧୦ ନମ୍ବର ସ୍ଥାନରେ ରହିଛି। ରାସ୍ତା କଡ଼ରେ ବେଆଇନ ପାର୍କିଂ ଦୁର୍ଘଟଣାର ଅନ୍ୟତମ ପ୍ରମୁଖ କାରଣ ବୋଲି ସୁପ୍ରିମକୋର୍ଟ କମିଟି ଦର୍ଶାଇଛି। କିନ୍ତୁ କେତେଜଣ ପ୍ରଭାବଶାଳୀ ଲୋକଙ୍କ ପରୋକ୍ଷ ସହଯୋଗରେ କଳିଙ୍ଗନଗର ଶିଳ୍ପାଞ୍ଚଳ ସମେତ ୫୩ ନମ୍ବର ଜାତୀୟ ରାଜପଥର ଚଣ୍ଡିଖୋଲ-ପାରାଦୀପ ରାସ୍ତାରେ ଏହି ବେଆଇନ ପାର୍କିଂ ସୀମା ଲଂଘିଛି। ପୋଲିସ ଓ ଆରଟିଓଙ୍କୁ ନେଇ ଗଠିତ ଜଏଣ୍ଟ ଏନଫୋର୍ସମେଣ୍ଟ କମିଟି ଏହି ବେଆଇନ କାର୍ଯ୍ୟ ଉପରେ ହାତ ଦେବାକୁ ସାହାସ ଜୁଟାଇ ପାରୁନାହାନ୍ତି। କିନ୍ତୁ ଏଥିରେ ସାଧାରଣ ଲୋକଙ୍କ ଜୀବନହାନୀ ହେଉଛି। ଏ ସଂକ୍ରାନ୍ତରେ ଚଣ୍ଡିଖୋଲ ଆରଟିଓ କେଶବଚନ୍ଦ୍ର ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ଯଦି ବେଆଇନ ଟ୍ରକ ପାର୍କିଂ ହେଉଛି ତେବେ ଜଏଣ୍ଟ ଏନଫୋର୍ସମେଣ୍ଟ କମିଟିକୁ ପଠାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

## ସଂକ୍ଷେପରେ

### ୧୧୦ କରୋନା ଆକ୍ରାନ୍ତ ଚିହ୍ନଟ

**ନୟାଗଡ଼ ଅଫିସ,୧।୨:**ପଞ୍ଚାୟତ ନିର୍ବାଚନ ସମୟରେ କରୋନା ବଢ଼ିବା ବଦଳରେ କମିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି । ଏହାକୁ ନେଇ କରୋନା ରିପୋର୍ଟ ଉପରେ ସନ୍ଦେହ ପ୍ରକାଶ ପାଇଛି । ନୟାଗଡ଼ ଜିଲାରେ ମଙ୍ଗଳବାର ୧୧୦ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ଭାପୁର ବ୍ଲକର ୧୧, ଦଶପଲ୍ଲା ବ୍ଲକର ୧୭, ଗଣିଆ ବ୍ଲକର ୯, ଖଣ୍ଡପଡ଼ା ବ୍ଲକର ୧୮, ନୟାଗଡ଼ ବ୍ଲକର ୧୪, ନୂଆଗାଁ ବ୍ଲକର ୧୦, ଓଡ଼ଗାଁ ବ୍ଲକରେ ୧୧, ରଣପୁର ବ୍ଲକର ୭, ନୟାଗଡ଼ ପୌରାଞ୍ଚଳରେ ୧୩ ଅଛନ୍ତି। ମଙ୍ଗଳବାର ଆକ୍ରାନ୍ତଙ୍କୁ ମିଶାଇଲେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୩୮୩୦ରେ ପହଞ୍ଚିଛି ।

### ଲଡୁବାବାଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ନୟାଗଡ଼ ଅଫିସ,୧।୨:**ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଲଡୁବାବାଙ୍କ ପୀଠର ସିଂହଦ୍ୱାର ସମ୍ମୁଖରେ ୫ ଦିନ ଧରି ଚାଲିଥିବା ପଞ୍ଚକୁଣ୍ଡିୟ ମହାଯଜ୍ଞ ସୋମବାର ଉଦ୍‌ଯାପିତ ହୋଇ ଯାଇଛି । ଶୈବ ସେବାୟତଙ୍କ ପକ୍ଷରୁ ଆୟୋଜିତ ମହାଯଜ୍ଞର ଅଙ୍କୁରୋରେପଣ ପରେ କୁସୁମୀ ନଦୀରୁ କଳସୀ ଶୋଭାଯାତ୍ରା ହୋଇଥିଲା । ରାଜ୍ୟର ବିଭିନ୍ନ ସ୍ଥାନରୁ ବେଦଜ୍ଞ ବ୍ରାହ୍ମଣ ଏଥିରେ ଯୋଗ ଦେଇଥିଲେ। ଲଡୁବାବାଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖରଙ୍କୁ ସମ୍ମୁଖରେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ମନ୍ଦିର ପରିଛା ତୋଷବନ୍ତ କର ମୁଖ୍ୟକର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ ।

### ଶିକ୍ଷା କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

**ଓଡ଼ଗାଁ,୧।୨(ଡି.ଏନ.ଏ.):** ଦୀର୍ଘ ୩୬ ବର୍ଷର ଶିକ୍ଷା ବିଭାଗରେ ଚାକିରୀ ପରେ ବିଭାଗୀୟ କର୍ମଚାରୀ ବଂଶୀଧର ବେହେରାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ସ୍କୁଲ କମିଟି ସଭାପତି ସୁବାସ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରଧାନଶିକ୍ଷକ ଜଗଦୀଶ ମିଶ୍ର, ବରିଷ୍ଠ ଶିକ୍ଷକ ବଂଶୀଧର ପାଲ, ନବକିଶୋର ସାହୁ ଓ କୈଳାସ ଚନ୍ଦ୍ର ପରିଡା ମଞ୍ଚାସୀନ ଥିଲେ। ଏହି ଅବସରରେ ବଂଶୀଧରଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

### ରାମଚରିତ ମାନସ ଉଦ୍‌ଯାପିତ

**ଖଣ୍ଡପଡ଼ା,୧।୨(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ ଖଲିସାହି ମୁକ୍ତି ତୀର୍ଥ ପ୍ରଭୁ ତୋଟା ହନୁମାନଙ୍କ ପୀଠରେ ୩୪ତମ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ପୂର୍ଣ୍ଣାହୁତି ସହ ମଙ୍ଗଳବାର ଉଦ୍‌ଯାପିତ ହୋଇଛି । ପୂର୍ଣ୍ଣାହୁତି ସମୟରେ ୫ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ବ୍ରାହ୍ମଣ ସମାଜ ପକ୍ଷରୁ ସମସ୍ତ ମାଙ୍ଗଳିକ କାର୍ଯ୍ୟ ଶେଷ ପରେ ସନ୍ଧ୍ୟାରେ ହନୁମାନ ଚାଲିଶା ପଠନ କରାଯାଇଥିଲା । ଖଲିସାହି ଗ୍ରାମବାସୀ ଓ ରାମଦୟା ପରିଷଦର ସମସ୍ତ ସଦସ୍ୟଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ୟାସ ଭାବେ ସନ୍ନ୍ୟାସୀ ଦୟାରାମଜୀ ମହାରାଜା, କର୍ମାଚାର୍ଯ୍ୟ ଗୋବର୍ଦ୍ଧନ ଷଡ଼ଙ୍ଗୀ, କର୍ତ୍ତା ଭାବେ ସାମାଜିକ କର୍ମୀ ସୁଦର୍ଶନ ସାହୁ ଓ ସହଯୋଗୀମାନେ ଦାୟିତ୍ୱ ତୁଲାଇଥିଲେ ।

# ୩ ଦଳ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା

**ନୟାଗଡ଼ ଜିଲା ପରିଷଦ ୧୩ ନଂ. ଜୋନ୍**



- ଗଡ଼ ରକ୍ଷା କରିବା ବିଜେଡି ପାଇଁ ସମ୍ମାନର ପ୍ରଶ୍ନ
- ଭାଜପା ଓ କଂଗ୍ରେସ ପ୍ରାର୍ଥୀଙ୍କ ପ୍ରଚାର ଜୋରଦାର

**ନୟାଗଡ଼ ଅଫିସ,୧।୨**

ନୟାଗଡ଼ ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଜିଲା ପରିଷଦ ଜୋନ ହାତେଇବାକୁ ପ୍ରାର୍ଥୀମାନେ ଡୋର ଟୁ ଡୋର ପ୍ରଚାର କରୁଛନ୍ତି। ନୟାଗଡ଼ ବ୍ଲକର ୧୩ ନଂ. ଜିଲା ପରିଷଦ ଜୋନରେ ଭାଟସାହି, ଲେଙ୍କୁଡିପଡା, ଖୁଣ୍ଟୁବନ୍ଧ, ସିନ୍ଦୁରିଆ, ନବଘନପୁର, ନଡିଆଳି, ଘଡୁଆଳ, ଚଣ୍ଡିବସ୍ତ, ମୁଥାଗାଡିଆ ଓ ମାଛିପଡା ପଞ୍ଚାୟତ ରହିଛି। ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ହେବ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ରାଜନୈତିକ ବିଶ୍ଳେଷକମାନେ କହୁଛନ୍ତି। ଏହି ଆସନଟି ବିଜେଡି ଦଖଲରେ ଥିବାରୁ ଦୁର୍ଗ ରକ୍ଷା କରିବା ସମ୍ମାନର ପ୍ରଶ୍ନ ପାଲଟିଛି।

ଜିଲା ପରିଷଦ ଜୋନ ହାଇେବାକୁ ନସିର ଅହମ୍ମଦ (ଭାଜପା), ହୋସେନ ଖାଁ (କଂଗ୍ରେସ), କ୍ଷୀରୋଦ କୁମାର ମହାପାତ୍ର (ବିଜେଡି), ଅହଲ୍ୟା କୁମାରୀ ସାହୁ (କଳିଙ୍ଗସେନା), ସ୍ୱାଧୀନ ଭାବେ ଗିରିଧାରୀ ରାଉତ ଓ ଦୀଲିପ କୁମାର ବେହେରା ମଇଦାନରେ ରହିଛନ୍ତି। ଶାସକ ଦଳରେ ଜିଲା ପରିଷଦ ଟିକେଟ ହାତେଇବାକୁ ଏଠାରେ ଲଢ଼େଇ ହୋଇଥିଲା । ଅନେକ ଆଶାୟୀ ଟିକେଟ ନ ପାଇ ଚୁପ ହୋଇଗଲେ। ହେଲେ ନସିର ବିଜେଡିକୁ ଚକମା ଦେଖାଇ ଭାଜପାର ପ୍ରାର୍ଥୀ ହେଲେ। ୨୦୧୨ରେ ନସିର ୧୩ ନଂ. ଜୋନରୁ ବିଜେଡି ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ହେଲେ ଦଳ ୨୦୧୭ ପଞ୍ଚାୟତ ନିର୍ବାଚନରେ ତାଙ୍କୁ ୧୩ ନଂ. ଜୋନରୁ ପ୍ରାର୍ଥୀ କରି ନ ଥିଲା । ନୟାଗଡ଼ ବିଧାୟକ ଅରୁଣ ସାହୁଙ୍କ ସହ ମତାନ୍ତର ଯୋଗୁ ଟିକେଟ ପାଇ ନ ଥିବା ନସିର କହିଥିଲେ। ପୁଣି ଚଳିତ ନିର୍ବାଚନରେ ୧୩ ନଂ. ଜୋନରୁ ପ୍ରାର୍ଥୀ ହେବା ପାଇଁ ଆବେଦନ କରିଥିଲି। ଶେଷ ସମୟରେ ବିଜେଡି ନସିରକୁ ଟିକେଟ ନ ଦେଇ କ୍ଷୀରୋଦଙ୍କୁ ଦେଇଥିଲା। ବିଜେଡିକୁ ହରାଇବାକୁ ସେ ବିଭିନ୍ନ ପ୍ରକାରର ରଣନୀତି ପ୍ରସ୍ତୁତ କରିଛନ୍ତି। ଅନ୍ୟପକ୍ଷେ କଂଗ୍ରେସର ପିସିସି ସମ୍ପାଦକ ହୋସେନ ଖାଁ ପ୍ରାର୍ଥୀ ହୋଇ ରାଜନୈତିକ ହଟଚମଟ ସୃଷ୍ଟି କରିଛନ୍ତି । ସେ ଭୋଟରଙ୍କୁ ବୁଝାଉଛନ୍ତି ୧୩ ନଂ. ଜୋନ କଂଗ୍ରେସର ଦୁର୍ଗ ଥିଲା। ଏଥରକ ଭୋଟରଙ୍କ ସ୍ନେହ ଶ୍ରଦ୍ଧାକୁ ପାଥେୟ କରି ନିର୍ବାଚନ ମଇଦାନକୁ ଓହ୍ଲାଇଛି। ସେହିପରି ବିଜେଡି ପ୍ରାର୍ଥୀ କ୍ଷୀରୋଦ କୁମାର ମହାପାତ୍ର ପ୍ରଚାରରେ ପଛରେ ପଡିନାହାନ୍ତି। ଶାସକ ଦଳର ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ସହ ସ୍ଥାନୀୟ ବିଧାୟକଙ୍କୁ ସାଙ୍ଗରେ ଧରି ଭୋଟ ପ୍ରଚାର କରୁଛି। ଏହି ଟକରା ଟକରି ବିଜେଡି, ଭାଜପା ଓ କଂଗ୍ରେସ ଦଳ ମଧ୍ୟରେ ଚାଲିଛି।

## ୧୮ ନଂ.ରେ ବିଜେଡି-ଭାଜପା ଲଢ଼େଇ

ଭାପୁର ବ୍ଲକର ୧୮ ନଂ. ଜିଲା ପରିଷଦ ଜୋନରେ ରହିଛି ଧାନଚାଙ୍ଗଡା, କଇଁଫୁଲିଆ, କରବର, ପଥରଚକଡା, ପଦ୍ମାବତୀ, ଶାସନ, ରାକମା, ବାଉଁଶବାଟି, କେନ୍ଦୁପଲ୍ଲୀ ପ୍ରଭୃତି ପଞ୍ଚାୟତ। ଏହି ଜିଲା ପରିଷଦ ଜୋନରେ ଭାଜପା ଓ ବିଜେଡି ମଧ୍ୟରେ ଲଢ଼େଇ ହେବ ବୋଲି ଲୋକମାନେ କହୁଛନ୍ତି। ଏଠାରେ ପ୍ରଦୀପ କିଶୋର ପଟ୍ଟନାୟକ (ଭାଜପା), ଧର୍ମେନ୍ଦ୍ର ଧଳ (ବିଜେଡି), ଅନୁପମା ଧଳ (କଂଗ୍ରେସ) ଓ ଶରତ ଚନ୍ଦ୍ର ସାହୁ (ସ୍ୱାଧୀନ) ପ୍ରାର୍ଥୀ ହୋଇଛନ୍ତି। ଭାପୁର ବ୍ଲକ ଦୁର୍ନୀତିରେ ନମ୍ବର ୧ ହୋଇ ଚର୍ଚ୍ଚାରେ ରହିଛି। ଏଠାରେ ଫଲସ୍ ବିଲ୍ ସାଧାରଣ ଘଟଣା। ନଦୀରେ ପୋଖରୀ, ଗୋଟିଏ ରାସ୍ତାକୁ ୨୨ ଥର ବିଲ୍ କରିବା ପରି ଦୁର୍ନୀତି ପଦାକୁ ଆସିଛି। ଦୁର୍ନୀତି ପଦାକୁ ଅସିଥିଲେ ମଧ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ବିଭିନ୍ନ ପ୍ରକାରର ଫଲସ ବିଲ୍ ଓ ଦୁର୍ନୀତିକୁ ନେଇ ଶାସକ ଦଳ ଏଠାରେ ଅଡୁଆରେ ରହିଛି। ବିଜେଡି ଦଳୀୟ ପ୍ରାର୍ଥୀ ମଧ ଭୋଟରଙ୍କ ରୋଷର ଶିକାର ହେଉଛନ୍ତି। ହେଲେ ବିଜେଡିର କନ୍ଦଳରୁ ବିରୋଧୀ କେତେଦୂର ଫାଇଦା ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

## ଓଡ଼ଗାଁରେ ପୋଲିସର ଫ୍ଲାଗ୍ ମାର୍ଚ୍ଚ

**ଓଡ଼ଗାଁ,୧।୨(ସ୍ୱ.ପ୍ର.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକରେ ଆସନ୍ତା ୧୬ରେ ଭୋଟ ଗ୍ରହଣ କରାଯିବ । ଏହି ବ୍ଲକ୍‌ର ୧ଲକ୍ଷ ୩୫ହଜାର ୩ଜଣ ଭୋଟର ନିଜ ମତଦାନ ଅଧିକାର ସାବ୍ୟସ୍ତ କରିବେ। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ବ୍ଲକ୍ ଅଧୀନ ୧୮ ପଞ୍ଚାୟତର ୨୮୯ ବୁଥ ମଧ୍ୟରୁ ୭୯ ବୁଥ ଉତ୍ତେଜନା ପ୍ରବଣ ଏବଂ ୬୨ ବୁଥ ଅତିଉତ୍ତେଜନା ପ୍ରବଣ ବୋଲି ଚିହ୍ନଟ କରାଯାଇଛି । ସେଠାରେ ମାଇକ୍ରୋ ଅବଜର୍ଭର କିମ୍ବା ସେଣ୍ଟ୍ରାଲ ଫୋର୍ସ ମୁତୟନ କରାଯାଉଥିବା ସୂଚନା ମିଳିଛି । ଆବଶ୍ୟକସ୍ଥଳେ ସିସିଟିଭି ଲଗାଯିବ ବୋଲି ପ୍ରଶାସନ ନିଷ୍ପତ୍ତି ନେଇଛି। ଏହି ପରିପ୍ରେକ୍ଷୀରେ ଅବାଧ ଏବଂ ନିରପେକ୍ଷ ନିର୍ବାଚନ ପାଇଁ ଓଡ଼ଗାଁ ଆଦର୍ଶ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତଙ୍କ ନେତୃତ୍ୱରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ମଙ୍ଗଳବାର ୧୮ ପଞ୍ଚାୟତରେ ପୋଲିସ ଫ୍ଲାଗ୍ ମାର୍ଚ୍ଚ କରିଛି । ଉପରୋକ୍ତ ବୁଥ୍‌ରେ ଅର୍ଦ୍ଧସାମରିକ ବାହିନୀ ଓ ସଶସ୍ତ୍ର ପୋଲିସ ମୂତୟନ କରାଯାଇଛି ।

# ଧାନ କିଣୁନାହାନ୍ତି ମିଲର



ମଣ୍ଡି ସମ୍ମୁଖରେ ଜରି ପାଲ ତଳେ ଗଦା ହୋଇଛି ଧାନବସ୍ତା ।

**ଖଣ୍ଡପଡ଼ା,୧।୨(ସ୍ୱ.ପ୍ର.)**

**ଜିଲାପାଳଙ୍କ ନିକଟରେ ଫେରାଦ**

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ମର୍ଦ୍ଦରାଜପୁର ସେବା ସମବାୟ ସମିତି ପକ୍ଷରୁ ଖୋଲାଯାଇଥିବା ଧାନମଣ୍ଡିକୁ ମିଲର ଧାନକ୍ରୟ ନିମନ୍ତେ ଆସୁ ନ ଥିବାରୁ ପ୍ରାୟ ୩ଶହ କୁଇଣ୍ଟାଲ ଧାନ ପଡ଼ି ରହିଛି। ମର୍ଦ୍ଦରାଜପୁର ଓ ଆଖପାଖ ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ଚାଷୀ ନୟାଗଡ଼ ଜିଲାପାଳଙ୍କୁ ମଙ୍ଗଳବାର ଭେଟି ଏ ସଂକ୍ରାନ୍ତରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

ସୂଚନା ମୁତାବକ ଉକ୍ତ ସେବା ସମବାୟ ସମିତିରେ ଖୋଲିଥିବା ଧାନମଣ୍ଡିରୁ ଧାନ କ୍ରୟ କରିବା ନିମନ୍ତେ ଡ଼ାଇମଣ୍ଡ ମିଲରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ମାତ୍ର ବିଭିନ୍ନ ଆଳ ଦେଖାଇ ଡ଼ାଇମଣ୍ଡ ମିଲର ନ ଆସିବାରୁ ପରବର୍ତ୍ତୀ ସମୟରେ ବଜରଙ୍ଗୀ ଫୁଡ୍ ପ୍ରଡକ୍ସ ମିଲରଙ୍କୁ ଧାନ ସଂଗ୍ରହ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା । ମାତ୍ର ୨ୟ ମିଲର ନ ଆସିବାରୁ ପରବର୍ତ୍ତୀ ସମୟରେ ମା'କାଉଁରୀ ମିଲର ମଣ୍ଡିରେ ଉପସ୍ଥିତ ରହି ଧାନ ସଂଗ୍ରହ କରିବାକୁ ଜିଲା ଯୋଗାଣ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ । ୩ ମିଲରଙ୍କ ଉପରେ ଧାନକ୍ରୟ ଦାୟିତ୍ୱ ନ୍ୟସ୍ତ କରି ପ୍ରଶାସନ ଚୁପ୍ ହୋଇ ବସିଥିଲା । ହେଲେ କୌରସି ମିଲର ଧାନକ୍ରୟ ନିମନ୍ତେ ଆଗ୍ରହ ପ୍ରକାଶ କରି ନ ଥିବା ମର୍ଦ୍ଦରାଜପୁର ସେବା ସମବାୟ ସମିତିର ସମ୍ପାଦକ ପଦ୍ମନାଭ ଗୋଛି କହିଛନ୍ତି । ଏବେ ସମବାୟ ସମିତି ଆଗରେ ଜରିପାଲ ଘୋଡାଯାଇ ୩୦୦ କୁଇଣ୍ଟାଲ ଧାନ ପଡ଼ି ରହିଛି । ଆଗକୁ ବର୍ଷା ସମ୍ଭାବନା ଥିବାରୁ ଧାନ ନଷ୍ଟ ହେବାର ଆଶଙ୍କା ପ୍ରକାଶ ପାଇଛି । ଆସନ୍ତା ୨ ଦିନ ମଧ୍ୟରେ ଉକ୍ତ ମଣ୍ଡିରୁ ଧାନ କ୍ରୟ ନିମନ୍ତେ ପ୍ରଶାସନ ଦୃଷ୍ଟି ନ ଦେଲେ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ବାଧ୍ୟ ହୋଇ ସେବା ସମବାୟ ସମିତି କାର୍ଯ୍ୟାଳୟରେ ତାଲା ଝୁଲାଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

## ୭ ହତ୍ୟାକାରୀଙ୍କୁ ଆଜୀବନ ଜେଲ

**ନୟାଗଡ଼ ଅଫିସ,୧।୨**

**ସମିତି ସଭ୍ୟାଙ୍କ ସ୍ୱାମୀଙ୍କୁ ଆଖି ତାଡ଼ି ହତ୍ୟା ମାମଲା**

ନୟାଗଡ଼ ଜିଲା ଦୌରାଜଜ୍ ରୂପଶ୍ରୀ ଚୌଧୁରୀଙ୍କ କୋର୍ଟରେ ଖଇରପଟି ନକୁଳ ବାଣ୍ଠ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି । ଏହି ଘଟଣାରେ ମୁଖ୍ୟ ହତ୍ୟାକାରୀ ଖଇରପଟି ଗାଁର ବସନ୍ତ କୁମାର ସିଂଙ୍କ ସମେତ ଭଗବାନ୍ ଦଳବେହେରା, ଶୁକଦେବ ରାଉତ, ପ୍ରକାଶ ପରିଡ଼ା, ଶେଷଦେବ ନାୟକ ଓ ସୁଧାଂଶୁ ରାଉତ, କେନ୍ଦୁଡିପି ଗାଁର ଧ୍ରୁବ ଚରଣ ଜେନା ପ୍ରମୁଖ ୭ ହତ୍ୟାକାରୀଙ୍କୁ ୩୦୨, ୩୪ ଆଇପିସି ଦଫାରେ କୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଅଭିଯୁକ୍ତମାନେ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

ମାମଲାର ବିବରଣୀ ଅନୁଯାୟୀ, ୨୦୧୬ ଫେବୃୟାରୀ ୧୩ରେ ନୟାଗଡ଼ ଜିଲା ଶରଣକୁଳ ଥାନା କେନ୍ତପଡା ଶ୍ମଶାନରେ ଏକ ରାଜନୈତିକ ହତ୍ୟାକାଣ୍ଡ ଘଟିଥିଲା। ଏଥିରେ କେନ୍ଦୁଡିପି ପଞ୍ଚାୟତ ସମିତି ସଭ୍ୟା ତଥା ଖୀରପଟି ଗାଁର ପୁଷ୍ପାଞ୍ଜଳି ବାଣ୍ଠଙ୍କ ସ୍ୱାମୀ ନକୁଳଙ୍କୁ ହତ୍ୟା କରାଯାଇଥିଲା। ନକୁଳ ଘଟଣା ଦିନ ଇଟାମାଟି ବଜାରରୁ ସଉଦା ଧରି ବାଇକ୍‌ରେ ଗାଁକୁ ଫେରୁଥିଲେ। ଖଇରପଟି ଗାଁର ବସନ୍ତ ସିଂଙ୍କ ସମେତ ୧୦ ଜଣ ବାଇକ୍‌ରେ ଯାଇ ପୂର୍ବ ଯୋଜନା ମୁତାବକ କେନ୍ତପଡ଼ା ଶ୍ମଶାନ ନିକଟରେ ଲୁଚି ରହିଥିଲେ। ନକୁଳ ଶ୍ମଶାନ ରାସ୍ତାରେ ପହଞ୍ଚିବା ଦେଖି ଅଭିଯୁକ୍ତମାନେ ମିଳିତ ଭାବେ ତାଙ୍କୁ ଖଣ୍ଡା, ଭୁଜାଲି ଓ ସାଇକେଲ ଚେନ୍‌ରେ ଆକ୍ରମଣ କରିଥିଲେ। ନକୁଳ ବାଇକ୍‌ରୁ ଖସି ପଡ଼ିବା ପରେ ଅଭିଯୁକ୍ତମାନେ ତାଙ୍କ ଦୁଇ ଆଖି ତାଡ଼ି ନେଇଥିଲେ। ପରେ ବୀଭତ୍ସ ଭାବେ ହତ୍ୟା କରି ଫେରାର ହୋଇ ଯାଇଥିଲେ। ସ୍ତ୍ରୀ ପୁଷ୍ପାଞ୍ଜଳିଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୨୦/୧୬) ରୁଜୁ କରି ତଦନ୍ତ କରିଥିଲା। ଏହି ଘଟଣାରେ ପୋଲିସ ଖଇରପଟି ଗାଁର ବସନ୍ତ କୁମାର ସିଂଙ୍କ ସମେତ ଭଗବାନ ଦଳବେହେରା, ଶୁକଦେବ ରାଉତ, ପ୍ରକାଶ ପରିଡା, ଶେଷ ଦେବ ନାୟକ ଓ ସୁଧାଂଶୁ ରାଉତ,କେନ୍ଦୁଡିପି ଗାଁର ଧ୍ରୁବ ଚରଣ ଜେନା ପ୍ରମୁଖଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସେମାନଙ୍କ ମଧ୍ୟରୁ କେନ୍ଦୁଡିପିର ଧ୍ରୁବ ଚରଣ ଜେନା ଜାମିନରେ ଆସିଥିଲେ। ଅନ୍ୟପକ୍ଷେ ଜଣେ ଅଭିଯୁକ୍ତ ଜେଲରେ ଥିବାବେଳେ ପ୍ରାଣ ହରାଇଥିଲେ। କୋର୍ଟଙ୍କ ଏହି ନିର୍ଦ୍ଦେଶ ପରେ ୭ ହତ୍ୟାକାରୀଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ୨ଜଣ ଫେରାର ଅଛନ୍ତି। ମକଦ୍ଦମାକୁ ପବ୍ଲିକ ପ୍ରୋସିକ୍ୟୁଟର ବିଷ୍ଣୁ ପ୍ରସନ୍ନ ମହାପାତ୍ର ପରିଚାଳନା କରିଥିଲେ।

## ବକେୟା ପ୍ରଦାନ ଦାବିରେ ଆଶାକର୍ମୀଙ୍କ ବିକ୍ଷୋଭ

**ଖଣ୍ଡପଡ଼ା,୧।୨(ସ୍ୱ.ପ୍ର.)**

ବାରମ୍ବାର ଦାବି ପରେ ବି ଆଶାକର୍ମୀମାନଙ୍କୁ ବକେୟା ପ୍ରାପ୍ୟ ପ୍ରଦାନ କ୍ଷେତ୍ରରେ ଖଣ୍ଡପଡ଼ା ବ୍ଲକ ଅଧୀନ ନୂଆଗଡ଼ିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ ଅବହେଳା ପ୍ରଦର୍ଶନ କରି ଆସୁଛନ୍ତି । ମଙ୍ଗଳବାର ଶତାଧିକ ଆଶାକର୍ମୀ ସଂଘର ସଭାନେତ୍ରୀ ରୁପମଞ୍ଜରୀ ସାହୁ, ସମ୍ପାଦିକା ବାସନ୍ତୀ ବେହେରାଙ୍କ ନେତୃତ୍ୱରେ ସେମାନଙ୍କ ବକେୟା ପ୍ରାପ୍ୟ ପ୍ରଦାନ ଦାବିରେ ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଆଶାକର୍ମୀ ସଂଘ ପକ୍ଷରୁ ଏକ ଦାବିପତ୍ର ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଥିଲା । ସୂଚନାଯୋଗ୍ୟ, ୨୦୧୯ ଅକ୍ଟୋବରରୁ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ ବିଭିନ୍ନ ବକେୟା ପ୍ରାପ୍ୟ ପ୍ରଦାନ କରି ନ ଥିବା ଖଣ୍ଡପଡ଼ା ବ୍ଲକ ଆଶାକର୍ମୀ ସଂଘର ସଦସ୍ୟାମାନେ ଅଭିଯୋଗ କରିଛନ୍ତି । ଅପରପକ୍ଷେ ଶ୍ରମିକ ସଙ୍ଗଠନ ସିଟୁର ନେତା ଚାପଧାରୀ ରାଉତ, ପ୍ରଭାସିନୀ ଦେଇ ଓ ସନ୍ତୋଷିନୀ ସାହୁ ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କ ମେରିରାୟ ନୀତିକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କର୍ମଚାରୀଙ୍କ ଅଭାବର ଆଳ ଦେଖାଇ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ ଆଶାକର୍ମୀଙ୍କୁ ବକେୟା ପ୍ରାପ୍ୟ ପ୍ରଦାନ ନ କରି ମାସ ପରେ ମାସ ଗଡ଼ାଇ ଚାଲିଥିବାରୁ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ସଂଘର ସଦସ୍ୟାମାନେ ଚେତାବନୀ ଦେଇଛନ୍ତି ।

## ବଡ଼ପୁଟରେ ଚାଷୀଙ୍କ ବିକ୍ଷୋଭ

**ନୟାଗଡ଼ ଅଫିସ,୧।୨**

**ମିଲର ଧାନ ନ ଉଠାଇବାରୁ ପ୍ରତିବାଦ**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ବଡ଼ପୁଟ ପ୍ରାଥମିକ କୃଷି ସମବାୟ ସମିତି ସମ୍ମୁଖରେ ମଙ୍ଗଳବାର ଚାଷୀମାନେ ବିକ୍ଷୋଭ କରିଛନ୍ତି । ଟୋକନ ପାଇଁ ମେସେଜ ଆସିଥିଲେ ମଧ ମିଲର ଧାନ ନ ଉଠାଇବାର ଚାଷୀମାନେ ଏହାର ପ୍ରତିବାଦ କରି ଆନ୍ଦୋଳନକୁ ଓହ୍ଲାଇଥିଲେ। ପ୍ରାୟ ୫ ଘଣ୍ଟା ବିକ୍ଷୋଭ ପ୍ରଦର୍ଶନ ପରେ ଜିଲା ଯୋଗାଣ ଅଧିକାରୀ ଚାଷୀ ପ୍ରତିନିଧିମଣ୍ଡଳୀ ସହ ଆଲୋଚନା କରିବାକୁ ନୟାଗଡ଼ ଡକାଇଥିଲେ । ପରେ ଚାଷୀ ଓ ଜିଲା ଯୋଗାଣ ଅଧିକାରୀଙ୍କ ସହ ଆଲୋଚନା ପରେ ବିକ୍ଷୋଭ ପ୍ରତ୍ୟାହୃତ ହୋଇଛି ।

ଅଭିଯୋଗ ଅନୁସାରେ ବଡ଼ପୁଟ ପ୍ରାଥମିକ କୃଷି ସମବାୟ ସମିତିରେ ଜାନୁୟାରୀ ୯ରେ ଟୋକନ ପାଇଁ ଆସିଥିବା ଚାଷୀମାନେ କେବଳ ଧାନ ବିକ୍ରି କରିଛନ୍ତି । ଏହାପରେ ୧୧, ୧୬, ୨୩ ଓ ୩୦ ତାରିଖରେ ଆସିଥିବା ମେସେଜରେ ଚାଷୀମାନେ ଧାନ ବିକ୍ରି କରି ପାରି ନାହାନ୍ତି । ମିଲର ଧାନ ଉଠାଇବାରେ ବିଳମ୍ବ କରୁଥିବାରୁ ଏହି ସମସ୍ୟା ସୃଷ୍ଟି ହୋଇଛି। ଚାଷୀମାନେ ବାରମ୍ବାର ମିଲର ଓ ସମିତି ସମ୍ପାଦକଙ୍କ ସହ ଆଲୋଚନା କରି ବିଫଳ ହେବା ପରେ ବିକ୍ଷୋଭ ପାଇଁ ନିଷ୍ପତ୍ତି ନେଇଥିଲେ । ଏଠାରେ ୩୯୦ ଚାଷୀ ନାମ ପଞ୍ଜିକୃତ କରିଛନ୍ତି । ଏନେଇ ଜିଲା ଯୋଗାଣ ଅଧିକାରୀ ବ୍ରଜବନ୍ଧୁ ନାୟକଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ବଡ଼ପୁଟ ଚାଷୀଙ୍କ ସହ ଆଲୋଚନା ସଫଳ ହୋଇଛି । ୨ମିଲର ସେମାନଙ୍କ ଧାନ ଉଠାଇବାକୁ ନିଷ୍ପତ୍ତି ନେଇଛନ୍ତି । ଚାଷୀମାନେ ଯେପରି ଧାନ ବିକ୍ରି କରି ପାରିବେ ସେନେଇ ପଦକ୍ଷେପ ନିଆଯାଇଛି ବୋଲି ସେ କହିଛନ୍ତି ।



ଚାଷୀମାନେ ଧାରଣା ଦେଇଛନ୍ତି ।

# 'ସ୍ୱପ୍ନ ବାସ୍ତବ ରୂପ ନେବା ଉଚିତ'

**ନୟାଗଡ଼ ଅଫିସ,୧।୨**

ପ୍ରତିବର୍ଷ ପରି ଚଳିତ ବର୍ଷ କେନ୍ଦ୍ର ବଜେଟ୍ ସଂସଦରେ ଉପସ୍ଥାପନ କରାଯାଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୨-୨୩ ବର୍ଷ ପାଇଁ କେନ୍ଦ୍ର ବଜେଟ୍ ମଙ୍ଗଳବାର ଉପସ୍ଥାପନ କରିଛନ୍ତି । ବଜେଟ୍‌ରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରତିଶ୍ରୁତି ଓ ନିଷ୍ପତ୍ତି ନିଆଯାଇଛି । ତେବେ ବଜେଟ୍‌ରେ ଦେଖା ଯାଇଥିବା ସ୍ୱପ୍ନ ବାସ୍ତବ ରୂପ ନେବା ଦରକାର ବୋଲି ମତ ପ୍ରକାଶ ପାଇଛି ।

### ପ୍ରସ୍ତାବକୁ ନେଇ ସନ୍ଦେହ



ମହାମାରୀ ସମୟରେ ଭୁଶୁଡି ପଡ଼ିଥିବା ଆର୍ଥିକ ବ୍ୟବସ୍ଥାକୁ ସୁଧାରିବାକୁ ଅର୍ଥମନ୍ତ୍ରୀ ଜନସାଧାରଣଙ୍କୁ ଅନେକ ସ୍ୱପ୍ନ ଦେଖାଇଛନ୍ତି । କିନ୍ତୁ ବାସ୍ତବରେ ପ୍ରସ୍ତାବିତ ଯୋଜନାର ସଫଳ ରୂପାୟନ ସାଧାରଣ ଲୋକଙ୍କ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ୫ଜି ସେବା ଯୋଗାଇ ଶିକ୍ଷା, ବ୍ୟାଙ୍କ ସେବା, ପୋଷ୍ଟାଲ ସେବା ଓ ଅନ୍ୟାନ୍ୟ ଆର୍ଥିକ କ୍ଷେତ୍ରରେ ଡିଜିଟାଲାଇଜେଶନ କରିବାକୁ ବଜେଟ୍‌ରେ ପ୍ରସ୍ତାବ ରଖାଯାଇଛି । କିନ୍ତୁ ମୌଳିକ ସୁବିଧା ସୁଯୋଗ ଓ ଭିତ୍ତିଭୂମି ଅଭାବ ଯୋଗୁ ୪ଜି ସେବା ବିଫଳ ହୋଇଛି । ଭାରତର ଉପାନ୍ତ ଅଞ୍ଚଳରେ ଏବେ ବି ଗମନାଗମନ, ବିଦ୍ୟୁତ୍, ସ୍ୱାସ୍ଥ୍ୟ, ପାନୀୟ ଜଳ, ଶିକ୍ଷା ଭଳି ମୌଳିକ ସେବା ଲୋକଙ୍କ ପାଇଁ ସ୍ୱପ୍ନ ହୋଇ ରହିଛି । ଇ-କ୍ଲାସରୁମ୍‌ର କଳ୍ପନା ଏକ ଅବାସ୍ତବ ପ୍ରସ୍ତାବ ପରି ମନେ ହେଉଛି ।

**ଅଧ୍ୟାପକ ମୁରଲୀ ଧର ଜେନା, ହରେକୃଷ୍ଣପୁର, ନୟାଗଡ଼ ।**

### ୨୫ ବର୍ଷରେ ୯୩ କି.ମି.ରେଳପଥ



୧୯୯୫ରୁ ଆରମ୍ଭ ହୋଇଥିବା ୨୯୨ କି.ମି.ର ଖୋର୍ଦ୍ଧାରୋଡ-ବଲାଙ୍ଗୀର ରେଳପଥ ପ୍ରକଳ୍ପ ଦୀର୍ଘ ୨୫ ବର୍ଷ ଭିତରେ ଜଟଣୀ ଠାରୁ ନୟାଗଡ଼ର ମହିପୁର ପର୍ଯ୍ୟନ୍ତ ମାତ୍ର ୯୩ କିମି ସମ୍ପୂର୍ଣ୍ଣ ହୋଇଛି । ଯାହା ମୋଟ ରେଳପଥର ଏକ ତୃତୀୟାଂଶ ଠାରୁ କମ୍ । ଆମ ରାଜ୍ୟରୁ ନିର୍ବାଚିତ ଏମ୍‌ପି ଅଶ୍ୱିନୀ ବୈଷ୍ଣବ ରେଳମନ୍ତ୍ରୀ ଦାୟିତ୍ୱରେ ଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ରେଳ ବିଭାଗରୁ ବଜେଟ୍ ପାଇଁ କିଛି ଦାବି ଉପସ୍ଥାପନ କରାଯାଇନାହିଁ। ଏଣୁ ରେଳପଥର କାର୍ଯ୍ୟ ଏହି ଆର୍ଥିକ ବର୍ଷରେ ସମ୍ପୂର୍ଣ୍ଣ ହେବା ପରି ଲାଗୁନାହିଁ।

**ରମେଶ ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ସେନା କର୍ମଚାରୀ, ନଛିପୁର ।**

### ତ୍ୱରାନ୍ୱିତ ହେବ ଦେଶର ବିକାଶ



କରୋନା ସମୟରେ ବିଗିଡ଼ି ଯାଇଥିବା ଅର୍ଥନୀତିକୁ ଦୃଷ୍ଟିରେ ରଖି ଆୟକର ସୀମାକୁ ଅପରିବର୍ତ୍ତିତ ରଖିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ । ଆଞ୍ଚଳିକ ବୈଷମ ଦୂର କରିବା ଦିଗରେ ଉତ୍ତର ପୂର୍ବ ରାଜ୍ୟର ବିକାଶ ପାଇଁ ସ୍ୱତନ୍ତ୍ର ବ୍ୟୟ ବରାଦ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ। ୨୦୦ଟି ଟେଲିଭିଜନ ଚାନେଲ ଖୋଲି ସେଗୁଡିକ ଦ୍ୱାରା ବିଦ୍ୟାଳୟର ଶ୍ରେଣୀ ପାଠ୍ୟକ୍ରମର ରୂପାୟନ ଓ ସଂପ୍ରସାରଣ ବ୍ୟବସ୍ଥା ସ୍ୱାଗତଯୋଗ୍ୟ । ଏହାର ସଫଳ ରୂପାୟନ ଶ୍ରେଣୀଗୃହ ଶିକ୍ଷାର ବିକଳ୍ପ ରୂପେ ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କୁ ଶିକ୍ଷାଦାନ ଦିଗରେ ସହାୟକ ହେବ ।

**ପ୍ରତାପ ସିଂ, ରାଜବଗିଚା. ନୟାଗଡ଼ ।**

### ଦରବୃଦ୍ଧି ରୋକିବାକୁ ନାହିଁ ବ୍ୟବସ୍ଥା



ବିଭିନ୍ନ ସାମଗ୍ରୀର ଦରବୃଦ୍ଧି ରୋକିବାରେ ବଜେଟ୍‌ରେ ବ୍ୟବସ୍ଥା ନାହିଁ। ଏହା ଦ୍ୱାରା ମଧ୍ୟବିତ୍ତ ଓ ଗରିବ ଲୋକମାନେ ବେଶି ପ୍ରଭାବିତ ହେବେ । ଦରବୃଦ୍ଧି ଓ ମୁଦ୍ରାସ୍ଫିତି ସାଧାରଣ ଲୋକଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ସେହିପରି କୃଷି ଓ କୃଷକଙ୍କ ବିକାଶ, ଉଚ୍ଚ ଶିକ୍ଷା, ଗ୍ରାମ୍ୟ ଉନ୍ନୟନ, ମହିଳା ଓ ଶିଶୁ ବିକାଶ କ୍ଷେତ୍ରରେ ବ୍ୟୟବରାଦ୍ ହ୍ରାସ ହେବା ସାଧାରଣ ଲୋକଙ୍କ ଉପରେ ପ୍ରଭାବ ପକାଇ ପାରେ ।

**ଟିକୁ ପଟ୍ଟନାୟକ, ବ୍ୟବସାୟୀ, ନୟାଗଡ଼ ।**

